ପ୍ରେସ୍ ନୋଟ୍

# ଶିକ୍ଷାନୁଷ୍ଠାନରେ ଷ୍ଟାର୍ଟ ଅପ୍ ଓଡିଶା ଯାତ୍ରା ୨.୦ ଆରମ୍ଭ ।

ଅନୁଗୋଳ,ତା.୧୯.୯:- ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଂକ ଦ୍ୱାରା ନୂତନ ଚିନ୍ତାଧାରା ପରିପ୍ରକାଶ କରିବା ସହ ବିଭିନ୍ନ ନୂତନ ସାମଗ୍ରୀ ପ୍ରସ୍ତୁତକୁ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଷ୍ଟାର୍ଟ ଅପ ବାର୍ତ୍ତା ଆଜି ଅନୁଗୋଳ ଜିଲ୍ଲାର ୩ଟି ଶିକ୍ଷାନୁଷ୍ଠାନରେ ଆରମ୍ଭ ହୋଇଛି । ଷ୍ଟାର୍ଟ ଅପ ଓଡିଶା ଯାତ୍ରା ୨.୦ର ଏକ ରଥ ଅନୁଗୋଳ ସ୍ୱାୟଂ ଶାସିତ ମହାବିଦ୍ୟାଳୟ, ଅନୁଗୋଳ ସରକାରୀ ପଲ୍ଲି ଟେକ୍‌ନିକ୍ ଓ ତାଳଚେର ମହାବିଦ୍ୟାଳୟ ଠାରେ ପହଂଚିଥିଲା । ଶିକ୍ଷାନୁଷ୍ଠାନର ଅଧ୍ୟାପକ ଓ ଅଧ୍ୟାପିକାମାନେ ଷ୍ଟାର୍ଟ ଅପ ଓଡିଶା ତଥା ଜିଲ୍ଲା ଶିଳ୍ପ କେନ୍ଦ୍ର ଅନୁଗୋଳର କର୍ମକର୍ତ୍ତାମାନେ ଛାତ୍ର ଛାତ୍ରୀମାନଂକୁ ସ୍ୱଗାତ ଜଣାଇବା ସହ ଏହାର ଶୁଭାରମ୍ଭ କରିଥିଲେ । ପ୍ରତ୍ୟେକ ମହାବିଦ୍ୟାଳୟର ଅଧ୍ୟକ୍ଷ ସମସ୍ତଂକୁ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ ଜଣାଇଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ରର କର୍ମକର୍ତ୍ତା ଷ୍ଟାର୍ଟ ଅପ ଓଡିଶାର ବାର୍ତ୍ତା କିଛି ଅଭିନବ ଚିନ୍ତାଧାରା ଓ ସାମଗ୍ରୀ ପ୍ରସ୍ତୁତ କରି ନିଜର ପରିଚୟ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଷ୍ଟାର୍ଟ ଅପ ଓଡିଶା ବିଷୟରେ ପ୍ରସ୍ତୁତ ହୋଇଥିବା ଏକ ସଂକ୍ଷିପ୍ତ ଭିଡିଓ ବାର୍ତ୍ତା ପ୍ରସାରଣ କରାଯାଇଥିଲା । ଛାତ୍ର ଛାତ୍ରୀମାନେ ସେମାନଂକର ଅଭିନବ ପ୍ରୟାସ ସମ୍ପର୍କୀତ ପ୍ରସ୍ତାବକୁ ପ୍ରକାଶ କରିବା ସହ ଅନଲାଇନ୍‌ରେ ସେଗୁଡିକୁ ପଞ୍ଜିକୃତ କରାଇଥିଲେ । ଉତ୍ତମ ଅଭିନବ ପ୍ରସ୍ତାବ ପ୍ରକାଶ କରିଥିବା ପ୍ରତ୍ୟେକ ମହାବିଦ୍ୟାଳୟ ସର୍ବଶ୍ରେଷ୍ଠ ୩ଜଣଂକୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ଶିଳ୍ପ କେନ୍ଦ୍ର ଅନୁଗୋଳର ସହକାରୀ ପରିଚାଳକ ଶ୍ରୀ ଶିବାସିସ୍ କାନୁନ୍‌ଗୋ, ଶିଳ୍ପ ବିକାଶ ଅଧିକାରୀ ଶ୍ରୀ ହିଂମାଶୁ ଶେଖର ସାହୁ, ଶ୍ରୀ ନୃସିଂହ ଚରଣ ସାହୁ ଓ ଷ୍ଟାର୍ଟ ଅପ ଓଡିଶାର ଶ୍ରୀ ମଳୟ ରଂଜନ ପାତ୍ର ତାଂକ ଟିମ୍ ସହ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଅନୁଗୋଳ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଗଙ୍ଗାଧର କର, ସହାକାରୀ ପ୍ରଫେସର କୁମାରୀ ସୁଜ୍ଞାନୀ ରଥ, ପ୍ରଫେସର ଚିତ୍ତରଂଜନ ସାହୁ ଓ ଅନ୍ୟ ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ । ସେହିପରି ପଲ୍ଲିଟେକନିକ୍‌ର ତାଲିମ ଅଧ୍ୟକ୍ଷ ଶ୍ରୀ ଲକ୍ଷ୍ମୀକାନ୍ତ ନାୟକ ଓ ତାଳଚେର ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବିନୟ କୁମାର ଖିଲାରଙ୍କ ସମେତ ସେମାନଂକ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକାମାନେ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୫୫୨ ତା.୧୯.୯.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।


ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା 2.0